# NATIONAL NEWS BULLETIN (ODIA)

**8 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଭବନରେ ଆସନ୍ତାକାଲି ସନ୍ଧ୍ୟାରେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଶପଥ ନେବେ କେନ୍ଦ୍ର ମନ୍ତ୍ରିମଣ୍ଡଳର ନୂତନ ସଦସ୍ୟ ।

– ଏହି ସମାରୋହରେ ଯୋଗଦେବା ପାଇଁ ପଡ଼ୋଶୀ ରାଷ୍ଟ୍ର ମୁଖ୍ୟମାନଙ୍କ ନୂଆଦିଲ୍ଲୀ ଆଗମନ ।

- ଆନ୍ଧ୍ରପ୍ରଦେଶର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତା ୧୨ ତାରିଖ ଦିନ ଶପଥ ନେବେ ଏନ୍.ଚନ୍ଦ୍ରବାବୁ ନାଇଡୁ ।

- ଏନାଡୁ ଗ୍ରୁପର ପ୍ରତିଷ୍ଠାତା ତଥା ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ରାମୋଜୀ ରାଓଙ୍କର ଆଜି ସକାଳେ ପରଲୋକ

– ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କର ଗଭୀର ଶୋକପ୍ରକାଶ

- ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ଛତିଶଗଡ଼ରେ ୭ ଜଣ ମାଓବାଦୀଙ୍କର ମୃତ୍ୟୁ

ଏବଂ

- ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ନ୍ୟୁଜିଲାଣ୍ଡ' ଆଫଗାନିସ୍ତାନଠାରୁ ପରାସ୍ତ

# ପି.ଏମ୍. - ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଭବନରେ ଆସନ୍ତାକାଲି ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ ସମାରୋହ ପାଇଁ ପ୍ରସ୍ତୁତି ଚାଲିଛି। କେନ୍ଦ୍ରରେ ନୂତନ ସରକାର ଗଠନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମନ୍ତ୍ରଣ କରିଛନ୍ତି। ଶପଥଗ୍ରହଣ ସମାରୋହରେ ଶ୍ରୀ ମୋଦୀ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ନୂତନ ସଦସ୍ୟଗଣଙ୍କୁ ରାଷ୍ଟ୍ରପତି ଶପଥ ପାଠ କରାଇବେ।

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରି ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ। ପୂର୍ବରୁ ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ ଏନ୍.ଡି.ଏ.ର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରି ଏନ୍.ଡି.ଏ. ସଂସଦୀୟ ଦଳ ବୈଠକରେ ଶ୍ରୀ ମୋଦିଙ୍କୁ ସର୍ବସମ୍ମତିକ୍ରମେ ନେତା ଭାବେ ମନୋନୀତ ସଂକ୍ରାନ୍ତ ଚିଠି ପ୍ରଦାନ କରିଥିଲେ । ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକର ସମର୍ଥନ ପତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯାଇଥିଲା ।

ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗଣମାଧ୍ୟମକୁ କହିଛନ୍ତି, ଏନ୍.ଡି.ଏ. ଏକ ଶକ୍ତିଶାଳୀ, ସ୍ଥିର ଏବଂ ଅଭିବୃଦ୍ଧିମୁଖୀ ସରକାର ଗଠନ କରିବ । ଆସନ୍ତାକାଲି ଶପଥଗ୍ରହଣ ସମାରୋହ ପୂର୍ବରୁ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ତାଲିକା ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି । ସେ କହିଛନ୍ତି, ଏନ୍.ଡି.ଏ. ସରକାର

ଗଠନ କରିବା ନେଇ ଜନାଦେଶ ମିଳିଛି ଏବଂ ଅଷ୍ଟାଦଶ ଲୋକସଭା ନୂତନ ଏବଂ ଯୁବଶକ୍ତିର ସଭା ହେବ । ତାଙ୍କ ସରକାର ଦେଶର ଜନସାଧାରଣଙ୍କ ଆଶା ଓ ଅକାଂକ୍ଷା ପୂରଣ କରିବାକୁ ଚେଷ୍ଟା କରିବ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ସ୍ଥିର ସରକାର ଦେଶ ଏବଂ ଏହାର ଅର୍ଥନୀତି ଓ ଯୁବବର୍ଗଙ୍କ ପାଇଁ କଲ୍ୟାଣକାରୀ ସାବ୍ୟସ୍ତ ହେବ । ଦେଶରେ ଦ୍ରୁତ ବିକାଶପାଇଁ ତାଙ୍କ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି ।

ଏହି ଶପଥ ଗ୍ରହଣ ସମାରୋହରେହ ଯୋଗଦେବା ପାଇଁ ପଡ଼ୋଶୀ ଦେଶ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ନେତାଙ୍କର ନୂଆଦିଲ୍ଲୀରେ ଆସି ପହଁଞ୍ଚୁଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପଡ଼ୋଶୀ ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ, ମାଲଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁ, ସେସେଲ୍‌ସର ଉପରାଷ୍ଟ୍ରପତି ଅହମ୍ମଦ ଆଫିଫ୍ ଯୋଗଦେବେ। ଏମାନଙ୍କ ବ୍ୟତୀତ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ କୁମାର ଜଗନ୍ନାଥ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ ପ୍ରଚଣ୍ଡ, ଭୂଟାନ ପ୍ରଧନମନ୍ତ୍ରୀ ସେରିଙ୍ଗ୍ ତୋବ୍‌ଗେ ମଧ୍ୟ ଯୋଗ ଦେଉଛନ୍ତି। ଶପଥ ଗ୍ରହଣ ସମାରୋହରେ ଯୋଗଦେବା ସହ ଏହି ରାଷ୍ଟ୍ରନେତାଗଣ ଆସନ୍ତାକାଲି ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ଭୋଜିସଭାରେ ଯୋଗଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ନେତାଙ୍କ ଗସ୍ତ ପଡ଼ୋଶୀ ପ୍ରଥମ ନୀତି ଏବଂ ସମସ୍ତଙ୍କ ପାଇଁ ସୁରକ୍ଷା ଓ ଅଭିବୃଦ୍ଧିକୁ ପ୍ରାଥମିକତା

ଦିଆଯାଉଛି ବୋଲି ଜଣାପଡୁଛି । ସେହିଭଳି ଭାରତର ଏହି ଦେଶଗୁଡ଼ିକ ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ।

ଏହି କାର୍ଯ୍ୟକ୍ରମଗୁଡ଼ିକ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ।

## ଏନ୍. ଚନ୍ଦ୍ରବାବୁ ନାଇଡୁ

ତେଲୁଗୁଦେଶମ୍ ପାର୍ଟି ଅଧ୍ୟକ୍ଷ ଏନ୍. ଚନ୍ଦ୍ରବାବୁ ନାଇଡୁ ଆସନ୍ତା ୧୨ ତାରିଖ ଦିନ ପୂର୍ବାହ୍ନ ୧୧ଟା ୨୭ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ବିଜୟୱାଡ଼ା ନିକଟରେ ଏହି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଏହି ସମାରୋହ ଏନ୍.ଡି.ଏ. ମେଣ୍ଟର ବରିଷ୍ଠ ନେତୃବୃନ୍ଦ ଏବଂ ପଡ଼ୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ୨୦୧୪ ବିଭାଜନ ପରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ଥର ପାଇଁ ଶ୍ରୀ ନାଇଡୁ ଦାୟିତ୍ୱ ଗ୍ରହଣ କରିବେ । ଟି.ଡି.ପି.’ ଜନସେନା, ଭାରତୀୟ ଜନତା ପାର୍ଟିର ଏନ୍.ଡି.ଏ. ମେଣ୍ଟ ୧୭୫ଟି ବିଧାନସଭା ଆସନ ମଧ୍ୟରୁ ୧୬୪ଟିରେ ବିଜୟ ଲାଭ କରି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଛି ।

## ରାମୋଜୀ ରାଓ

ଏନାଡୁ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପର ପ୍ରମୁଖ ବ୍ୟକ୍ତିତ୍ୱ ରାମୋଜୀ ରାଓଙ୍କ ଆଜି ସକାଳେ ହାଇଦ୍ରାବାଦଠାରେ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଅସୁସ୍ଥତା କାରଣରୁ ଗତ ୫ ତାରିଖରୁ ସେ ଚିକିତ୍ସାଧୀନ ଥିଲେ। ରାମୋଜୀ ଫିଲ୍ମ ଷ୍ଟୁଡିଓରେ ଥିବା ତାଙ୍କ ବାସଭବନରେ ପାର୍ଥିବ ଶରୀରକୁ ଶେଷ ଦର୍ଶନ ପାଇଁ ରଖାଯାଇଛି। ତାଙ୍କ ବିୟୋରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

ତାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକପ୍ରକାଶ କରିଛନ୍ତି। ସେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ତଥା ଗଣମାଧ୍ୟମରେ ନୂତନ ସମ୍ଭାବନା ସୃଷ୍ଟି କରିଥିବା ବ୍ୟକ୍ତିତ୍ୱ ଥିଲେ ବୋଲି ରାଷ୍ଟ୍ରପତି କହିଛନ୍ତି। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିଛନ୍ତି। ଗଣମାଧ୍ୟମକୁ ରାମୋଜୀ ରାଓଙ୍କ ଅବଦାନ ସାମ୍ବାଦିକତା ଏବଂ ବିଶ୍ୱ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ଅଲିଭା ଦାଗ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପ୍ରକାଶ କରିଛନ୍ତି।

## ସିଡବ୍ଲ୍ୟୁସି-ମିଟିଂ

ନୂଆଦିଲ୍ଲୀରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ପରିବର୍ଦ୍ଧିତ ବୈଠକ ଜାରି ରହିଛି। ଏହି ବୈଠକରେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେ, ବରିଷ୍ଠ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଦଳୀୟ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନ୍ୟ ନେତାମାନେ ଉପସ୍ଥିତ

ଅଛନ୍ତି। ଏହି ବୈଠକରେ ଚଳିତ ଲୋକସଭା ନିର୍ବାଚନରେ ଦଳର ପ୍ରଦର୍ଶନ ଉପରେ ସମୀକ୍ଷା କରାଯାଉଛି। କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକ ବ୍ୟତୀତ କଂଗ୍ରେସ ସଂସଦୀୟ ଦଳ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ।

## ଛତିଶଗଡ଼ ଏନ୍‌କାଉଣ୍ଟର

ଛତିଶଗଡ଼ର ବସ୍ତର ଡିଭିଜନ୍‌ରେ ଗତକାଲି ଗୁଳି ବିନିମୟରେ ୭ ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଛି ।  ଏ ସମ୍ପର୍କରେ ଆକାଶବାଣୀକୁ ସୂଚନା ଦେଇ ଦନ୍ତେୱାଡ଼ା ଆରକ୍ଷୀ ଅଧୀକ୍ଷକ ଗୌରବ ରାଇ କହିଛନ୍ତି, ଘଟଣାସ୍ଥଳରୁ ସେମାନଙ୍କର ମୃତଦେହ ଜବତ କରାଯାଇଛି । ନାରାୟଣପୁର ଏବ ଦନ୍ତେୱାଡ଼ା ସୀମାରେ ଏହି ଗୁଳି ବିନିମୟ ହୋଇଥିଲା । ଗୋବେଲ୍ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ଆଧାରରେ ଜିଲ୍ଲା ରିଜର୍ଭ ଗାର୍ଡ଼ ଏବଂ ଆଇ.ଟି.ବି.ପି.ର ମିଳିତ ତଲାସୀ ଅଭିଯାନବେଳେ ଏହି ଗୁଳି ବିନିମୟ ଘଟିଥିଲା ବୋଲି ସେ କହିଛନ୍ତି।

## ଏଲନ୍ ମସ୍କ- ମୋଦୀ

ଟେସ୍‌ଲା ଏବଂ ସ୍ପେଶ୍ ଏକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ୍ ମସ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିର୍ବାଚନରେ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସେ କହିଛନ୍ତି, ତାଙ୍କ କମ୍ପାନୀ ଗୁଡ଼ିକ ଖୁବ୍‌ଶୀଘ୍ର ଭାରତରେ ପୁଞ୍ଜିନିବେଶ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ନିର୍ବାଚନରେ ଶ୍ରୀ ମୋଦୀ

ତୃତୀୟଥର ପାଇଁ ପୁନଃନିର୍ବାଚିତ ହୋଇଥିବାରୁ ଶ୍ରୀ ମସ୍କ ଅଭିନନ୍ଦନ ଜଣାଇଛନ୍ତି ।

## ଓଡ଼ିଶା ସିଏମ୍ ସ୍ୱେରିଙ୍ଗ

ଓଡ଼ିଶାରେ ନବନିର୍ବାଚିତ ସରକାରଙ୍କ ଶପଥ ଗ୍ରହଣ ସମାରୋହ ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବ। ଆମ ଭୁବନେଶ୍ୱର ପ୍ରତିନିଧି ଦେଇଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରର ଜନତା ମଇଦାନ ଠାରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ସେହିଦିନ ସକାଳେ ବିଜେପି ବିଧାୟକ ଦଳ ବୈଠକ ବସି ନୂତନ ନେତାଙ୍କ ନାମ ଘୋଷଣା କରାଯିବ। ଇତିମଧ୍ୟରେ ଦଳର ଦୁଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ନେତା ଚୟନ ପାଇଁ ବିଜେପିର ବିଧାୟକ ଦଳ ବୈଠକ ଡକାଯାଇଛି। ସୂଚନାଯୋଗ୍ୟ, ଓଡ଼ିଶା ବିଧାନସଭା ନିର୍ବାଚନରେ ୧୪୭ଟି ଆସନ ମଧ୍ୟରୁ ବିଜେପି ୭୮ଟିରେ ବିଜୟୀ ହୋଇ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବେଳେ ବିଜେଡି ୫୧ଟି, କଂଗ୍ରେସ ୧୪ଟି ଏବଂ ଅନ୍ୟାନ୍ୟ ୪ଟି ଆସନରେ ବିଜୟୀ ହୋଇଛନ୍ତି।

## କେରଳ ଫାୟାର

କେରଳର ଏର୍ଣ୍ଣାକୁଲମ ଜିଲ୍ଲା ଅନ୍ତର୍ଗତ ଅଙ୍ଗାମାଲାଏ ଠାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ୮ ବର୍ଷ ଏବଂ ୫ ବର୍ଷର ଦୁଇଜଣ ନାବାଳିକା ଅଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳୁ ନିଆଁ ଲାଗିଯିବାରୁ ଏହି ଅଗ୍ନିକାଣ୍ଡ ଘଟିଛି। ତେବେ ପ୍ରାଥମିକ ତଦନ୍ତରୁ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି ବୋଲି ପୁଲିସ ସୂଚନା ଦେଇଛି।

## ଟି.-ଟ୍ୱେଣ୍ଟି ୱାର୍ଲଡ୍ କପ୍

ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଆଫଗାନିସ୍ତାନ' ନ୍ୟୁଜିଲାଣ୍ଡ ବିପକ୍ଷରେ ୮୪ ରନ୍‌ରେ ବିଜୟୀ ହୋଇଛି। ଗାଏନାର ପ୍ରୋଭିଡେନ୍ସ ଷ୍ଟାଡିୟମ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ଆଫଗାନିସ୍ତାନକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୫୯ ରନ୍ ସଂଗ୍ରହ କରିଥିଲା। ୧୬୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ୧୫ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୭୫ ରନ୍ କରିବାକୁ ସକ୍ଷମ ହୋଇଥିଲା।

ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ' ଶ୍ରୀଲଙ୍କାକୁ ୨ ୱିକେଟ୍‌ରେ ହରାଇ ଦେଇଛି। ଟେକ୍ସାସ୍‌ର ଗ୍ରାଣ୍ଡପେରୀ ଷ୍ଟାଡିୟମଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୨୪ ରନ୍ ସଂଗ୍ରହ କରିଥିଲା। ୧୨୫ ରନ୍‌ର ବିଜୟ ଲକ୍ଷ୍ୟକୁ ବାଂଲାଦେଶ ୧୯ ଓଭରରେ ୮ ୱିକେଟ୍ ବିନିମୟରେ ସଂଗ୍ରହ କରିନେଇଥିଲା।

ଗତକାଲିର ମ୍ୟାଚ୍‌ରେ କାନାଡ଼ା ଆୟାର୍ଲାଣ୍ଡ୍‌କୁ ୧୨ ରନ୍‌ରେ ପରାସ୍ତ କରିଛି । କ୍ରମାଗତ ଦ୍ୱିତୀୟ ପରାଜୟ ସହ ଆୟାର୍ଲାଣ୍ଡର ସୁପର୍ ୮ ପର୍ଯ୍ୟାୟକୁ ଉନ୍ନୀତ ହେବା ଆଶା ମଉଳି ଯାଇଛି ।